## ମିଠା ବାଣ୍ଟିଲେ କାଉନ୍‌ସିଲର

**ବାରିପଦା ଅଫିସ:** ମୟୂରଭଞ୍ଜ ମାଟିର ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହେବା ନେଇ ବାରିପଦାସ୍ଥିତ ଶିରିଡିସାଇ ବିଦ୍ୟା ବିହାର ଇଂରାଜୀ ମିଡିୟମ ସ୍କୁଲରେ ଉତ୍ସବ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ୩ନଂ ୱାର୍ଡ କାଉନସିଲର ରାଜ ଗୁପ୍ତା ଯୋଗଦେଇ କୁନି କୁନି ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଛନ୍ତି। ଜଣେ ସରଳ ଓ ନିଷ୍ଠାପର ବ୍ୟକ୍ତି ଭାବେ ଦ୍ରୌପଦୀଙ୍କ ସରଳ ତଥା ସଂଘର୍ଷମୟ ଜୀବନୀ ସମ୍ପର୍କରେ ଆଲୋକପାତ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସନ୍ଧ୍ୟା ପରିଡା, ରୀତାରାଣୀ ଗିରି, ଦୀପ୍ତିମୟୀ ମହାନ୍ତ, ଦୁଲାରୀ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପୋଖରୀରୁ ମିଳିଲା ମହିଳାଙ୍କ ମୃତଦେହ

ପାଟଣା,୨୩।୭(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ବାଉଁଶୁଳି ଗ୍ରାମ ମହାନ୍ତ ସାହି ପୋଖରୀରୁ ଶନିବାର ଜଣେ ମହିଳାଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଜିଙ୍ଗି ମୁଣ୍ଡା। ସୂଚନା ଅନୁଯାୟୀ, ଜଙ୍ଗି ଶୁକ୍ରବାର ଅପରାହ୍ନରେ ବାଉଁଶୁଳି ମହାନ୍ତ ସାହି ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଫେରି ନ ଥିଲେ। ଶନିବାର ସକାଳେ ଲୋକେ ପୋଖରୀରେ ମୃତଦେହ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ତୁରୁମୁଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୧/୨୨) ରୁଜୁ ହୋଇଛି।

### ଅବିନାଶ ହେଲେ ବସ୍ତା ଛାତ୍ର କଂଗ୍ରେସର ନୂତନ ସଭାପତି

ରୂପସା,୨୩।୭(ଡି.ଏନ.ଏ.)- ବାଲେଶ୍ୱର ଜିଲା ଛାତ୍ର କଂଗ୍ରେସ ସଂଗଠନକୁ ମଜବୁତ କରିବା ପାଇଁ ରାଜ୍ୟ ଛାତ୍ର କଂଗ୍ରେସ ପକ୍ଷରୁ ବିଭିନ୍ନ ନିର୍ବାଚନ ମଣ୍ଡଳୀର ଛାତ୍ର କଂଗ୍ରେସ



ସଭାପତି ଶନିବାର ନିଯୁକ୍ତି କରାଯାଇଛି। ବାଲେଶ୍ୱର ଜିଲା ଛାତ୍ର କଂଗ୍ରେସ ସଭାପତି ଗୌତମ୍ ସାହୁଙ୍କ ସୁପାରିଶ କ୍ରମେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର୍ ନୱାଜ ବସ୍ତା ନିର୍ବାଚନମଣ୍ଡଳୀର ଛାତ୍ର କଂଗ୍ରେସ ସଭାପତି ଭାବରେ ଅବିନାଶ ନାୟକଙ୍କ ନାମ ଘୋଷଣା କରିଛନ୍ତି। ଅବିନାଶ ଦୀର୍ଘଦିନ ଧରି ବସ୍ତା କଂଗ୍ରେସ ସଂଗଠନ ସହିତ ଜଡ଼ିତ। ସେ ବସ୍ତା ବ୍ଲକ ଅଧୀନ ବ୍ରାହ୍ମଣଦା ପଞ୍ଚାୟତ ମଧୁଭଣ୍ଡା ଗ୍ରାମର ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ନାୟକଙ୍କ ପୁତ୍ର ଅଟନ୍ତି। ସେ ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନାଙ୍କ ଅତ୍ୟନ୍ତ ଘନିଷ୍ଠ ରାଜନୈତିକ ସହଯୋଗୀ ଅଟନ୍ତି। ତାଙ୍କୁ ନିଯୁକ୍ତି ଦିଆଯିବା ପରେ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ, ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ବସ୍ତା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ବିଜନ ନାୟକ, ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର୍ ନୱାଜ, ଜିଲା ଛାତ୍ର କଂଗ୍ରେସ ସଭାପତି ଗୌତମ୍ ସାହୁ ପ୍ରମୁଖ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ଚାନ୍ଦୁଆ ଆଦର୍ଶ ବିଦ୍ୟାଳୟର ସଫଳତା

କୁଳିଅଣା, ୨୩।୭(ସ୍ୱ.ପ୍ର.): ଚାନ୍ଦୁଆ ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀର ପରୀକ୍ଷା ଫଳ ପ୍ରକାଶ ପାଇଛି। ଶୁଖୁଆପୋଡ଼ା ଗ୍ରାମର ଶଙ୍କର ପ୍ରସାଦ ସାହାଙ୍କ ଝିଅ ପାୟଲ ସାହା ୪୮୩ ନମ୍ବର ରଖି ଟପ୍ପର ହୋଇଛନ୍ତି। ମାଳତୀ ହେମ୍ବ୍ରମ ୪୭୩, ସୁରାଇ ହେମ୍ବ୍ରମ ୪୫୬ନମ୍ବର, ଗୋବିନ୍ଦ ମାର୍ଣ୍ଡି ୪୫୨ ନମ୍ବର ରଖିଛନ୍ତି। ସମସ୍ତ ୯୦%ରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି।

# ଜୀବିକା ହରାଇ ୫୦୦ ପରିବାର ବେସାହାରା

## ବନ୍ଦ ପଡ଼ିଛି ସାର କମ୍ପାନୀ

### ବିଧାନସଭାରେ ପ୍ରଶ୍ନ ଉଠାଇଲେ ବିଧାୟକ

**ବୈଶିଙ୍ଗା,୨୩।୭(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କଳମାସ୍ଥିତ ୧୮ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ୧୯୮୦ରେ ସ୍ଥାପିତ ହୋଇଥିବା ଇଷ୍ଟକୋଷ୍ଟ ଫର୍ଟିଲାଇଜର୍ସ କମ୍ପାନୀ ବିଭିନ୍ନ ସମସ୍ୟା ଘେରରେ ଛନ୍ଦି ହୋଇ ଏବେ ବନ୍ଦ ପଡ଼ିଛି। ୨୦ ବର୍ଷ ତଳେ ଏହି କମ୍ପାନୀ ପ୍ରସ୍ତୁତ ସୁପର ଫସ୍‌ଫେଟ ସାର ସମଗ୍ର ଭାରତ ବର୍ଷରେ ବେଶ୍ ସୁନାମ ଅର୍ଜନ କରିଥିଲା। ୧୮୦ ନିୟମିତ ଶ୍ରମିକ, କର୍ମଚାରୀ ଓ ଇଞ୍ଜିନିୟର ଏବଂ ୩୨୦ଠିକା ଶ୍ରମିକଙ୍କୁ ମିଶାଇ ମୋଟ ୫୦୦ କର୍ମଚାରୀ ପ୍ରତ୍ୟକ୍ଷ ନିଯୁକ୍ତି ପାଇଥିବା ବେଳେ ପ୍ରାୟ ୨ହଜାର ଲୋକଙ୍କୁ ପରୋକ୍ଷ ଭାବରେ କର୍ମନିଯୁକ୍ତି ମିଳିପାରିଥିଲା। ନିକଟସ୍ଥ ଗଡ଼ଦେଉଳିଆଠାରେ ଅନେକ ଦୋକାନ ବଜାର ଗଢ଼ି ଉଠିଥିଲା। ବ୍ୟବସାୟରେ ଅଭିବୃଦ୍ଧି ମଧ୍ୟ ଘଟିଲା। ଏହାକୁ ଲକ୍ଷ୍ୟ ରଖି ସେଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ମଧ୍ୟ ଖୋଲିଲା। ସବୁ କିଛି ଠିକ୍‌ଠାକ ଚାଲିଥିଲେ ମଧ୍ୟ ୨୦୦୧ରେ ସାର ଶିଳ୍ପରେ ମାନ୍ଦାବସ୍ଥା ଦେଖାଦେବାରୁ ଏହାର ମାଲିକ କୋଲକାତାର ଶିଳ୍ପପତି ଗଣେଶଲାଲ କେଡିଆ କାରଖାନା ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଲେ। ସେତେବେଳେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ



ବନ୍ଦ ହୋଇ ପଡ଼ିଥିବା ଇଷ୍ଟକୋଷ୍ଟ ଫର୍ଟିଲାଇଜର୍ସ କମ୍ପାନୀ।

ପାଇଥିଲା। ଶ୍ରମିକ ଓ କର୍ମଚାରୀମାନଙ୍କ ପକ୍ଷରୁ ଆନ୍ଦୋଳନ ଓ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ତତ୍କାଳୀନ ଜିଲାପାଳ ଆସି ଲୋକଙ୍କୁ ବୁଝାଶୁଝା କରି ଆନ୍ଦୋଳନକୁ କୌଣସି ମତେ ପ୍ରଶମିତ କରିଥିଲେ। ସେବେଠାରୁ ୫୦୦ ପରିବାର ଜୀବିକା ହରାଇ କମ୍ପାନୀ କିମ୍ବା ସରକାରଙ୍କ ପକ୍ଷରୁ କୌଣସି ସାହାଯ୍ୟ ନ ପାଇ ଦୁଃଖ କଷ୍ଟରେ କାଳ କାଟୁଛନ୍ତି।

ଦୀର୍ଘ ବର୍ଷ ହେଲା କାରଖାନା ବନ୍ଦ ରହିବା ଯୋଗୁ ଇଡ୍‌କୋ ପକ୍ଷରୁ ମାଗଣାରେ ଯୋଗାଇ ଦିଆଯାଇଥିବା ୪୫ ଏକର ଜମି ଓ ବିଲ୍ଡିଂକୁ ୯୩ ଲକ୍ଷ ଟଙ୍କାରେ ନିଲାମ କରି ଦିଆଗଲା। ୨୦୧୦ରେ କୌସ୍ତୁଭ ଇଞ୍ଜିନିୟରିଂ ଏହାକୁ ନିଲାମ ଧରିଥିଲା। ତେବେ ଫଳ କିଛି ହେଲାନାହିଁ। ଏହି ସଂସ୍ଥା ଇଡ୍‌କୋ ସହିତ ହୋଇଥିବା ରାଜିନାମା ଅନୁଯାୟୀ ଏଠାରେ ଶିଳ୍ପ ପ୍ରତିଷ୍ଠା କରିବାରେ ବିଫଳ ହୋଇଛି। ତେବେ ଦୀର୍ଘ ବର୍ଷ ଧରି ଖାଲି ପଡ଼ିଥିବା ଏହି କାରଖାନା ପରିସରରେ ବର୍ଷେ ହେଲା ବେଆଇନ ଭାବେ ଶିଳ୍ପ ବିଭାଗ ସହିତ ରାଜିନାମାର ଖୋଲା ଉଲ୍ଲଂଘନ କରି ପୋଖରୀ ଖୋଳି ମାଛ ଚାଷ ଚାଲିଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ସ୍ଥାନୀୟ ଅଧିବାସୀ ତଥା ବଡ଼ସାହି ବିଧାୟକ ସନାତନ ବିଜୁଳି ଗତ ୧୫ ତାରିଖ ଦିନ ବିଧାନସଭାରେ ପ୍ରଶ୍ନ ଉତ୍ଥାପନ କରି ଏବେ ଏହି ସମ୍ପତ୍ତିର ମାଲିକାନା ସ୍ୱତ୍ୱ କାହାର ଏବଂ ଏଠାରେ ଶିଳ୍ପ ପ୍ରତିଷ୍ଠା କରିବା ଯୋଜନା ସରକାରଙ୍କ ଅଛି କି ନାହିଁ ଜାଣିବାକୁ ଚାହିଁଥିଲେ। ମାତ୍ର ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ମୂଳ ପ୍ରଶ୍ନକୁ ଏଡ଼ାଇ ଯାଇ ଇଷ୍ଟକୋଷ୍ଟ ଫର୍ଟିଲାଇଜର୍ସ କମ୍ପାନୀ ବନ୍ଦ ହେବା ପରେ ନିର୍ମାଣ ପ୍ରମୋଟର ଓ ବିଲ୍ଡିଂ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ନାମକ ଏକ ସଂସ୍ଥାକୁ ଲିଜ୍‌ସୂତ୍ରରେ ଦିଆଯାଇଥିଲା ବୋଲି ଉତ୍ତର ଦେଇଥିଲେ। ତେବେ ଏହି ସଂସ୍ଥା ଇତି ମଧ୍ୟରେ ଅନ୍ୟ ପ୍ରକଳ୍ପ ନିମନ୍ତେ ହସ୍ତାନ୍ତର କରିବାକୁ ଇଡ୍‌କୋ ନିକଟରେ ଆବେଦନ କରିଛି।

ଜୀବିକା ହରାଇ ଥିବା କାରଖାନାର ଗୁରୁତ୍ୱପୂର୍ଣ୍ଣ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିବା ବରିଷ୍ଠ ଅଧିକାରୀ କ୍ଷିତିଶ ଚନ୍ଦ୍ର ସ୍ୱାଇଁ, ସଞ୍ଜୟ କୁମାର ପରିଡ଼ା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମାୟାଧର ସାମଲ, ବରିଷ୍ଠ କଂଗ୍ରେସ ନେତା ପ୍ରବୋଧ ପଣ୍ଡା, ଚିନ୍ମୟ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷାବିତ ବିଜୟ କୁମାର ପରିଡ଼ା ପ୍ରମୁଖ ତୁରନ୍ତ ବନ୍ଦ ପଡ଼ିଥିବା ଏହି ଶିଳ୍ପାନୁଷ୍ଠାନକୁ ଚାଲୁ କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

## କରୁଣ୍ଟା ଆଦିବାସୀ ସାହିରେ ବିଜୟ ଉତ୍ସବ

**ଖଇରା,୨୩।୭(ଡି.ଏନ.ଏ.)**

ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭାବେ ବିଜୟୀ ହେବା ପରେ ଖଇରା ଭାଜପା ପକ୍ଷରୁ କୁରୁଣ୍ଟା ଆଦିବାସୀ ସାହିରେ ଶୁକ୍ରବାର ଉତ୍ସବ ପାଳନ କରାଯାଇଛି । ଯୁବ ଭାଜପା ନେତା ଇଂ. ରାଜେଶ ମହାକୁଡ଼ଙ୍କ ନେତୃତ୍ୱରେ ଭାଜପା ନେତା ଓ କର୍ମୀମାନେ ଆଦିବାସୀ ସାହିକୁ ଯାଇ ମିଠା ବାଣ୍ଟିଥିଲେ। ପରେ ଆଦିବାସୀ ସମ୍ପ୍ରଦାୟର ମହିଳା ଓ ପୁରୁଷମାନେ ମାଦଳ ବାଜା ବଜାଇ ନାଚଗୀତରେ ମସଗୁଲ ହୋଇଥିଲେ। ଭାଜପା ମଣ୍ଡଳ ସଭାପତି ମହେଶ୍ୱର ନାଥ, ସ୍ଥାନୀୟ ସରପଞ୍ଚ ରଘୁନାଥ ଜେନା, ସମିତିସଭ୍ୟା କମଳିନୀ ମାଝୀ, ମାନସ ବେହେରା, କମଳାକାନ୍ତ ଜେନା, କମଳଲୋଚନ ପ୍ରଧାନ, ପ୍ରତାପ ପୃଷ୍ଟି, ଗୌତମ ସାହୁ, ବନମାଳୀ ଜେନା, ମୁନା ମୁର୍ମୁ, ରଶ୍ମିତା ମୁର୍ମୁଙ୍କ ସମେତ ବହୁ ଭଜପା କର୍ମୀ ଉପସ୍ଥିତ ଥିଲେ। ଜଣେ ଆଦିବାସୀ ମହିଳାଙ୍କୁ ପ୍ରଥମ ନାଗରିକ ପଦବୀ ଅଳଙ୍କୃତ କରିବାର ସୁଯୋଗ ମିଳିଥିବାରୁ କର୍ମୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ସାହା, ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା, ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ନଦୀବନ୍ଧରେ ବଲ୍ଲାମରା କାର୍ଯ୍ୟକୁ ନେଇ ଅସନ୍ତୋଷ



ସାଠିବାଙ୍କୁଡ଼ା ନିକଟରେ ବଲ୍ଲାମରା କାର୍ଯ୍ୟ ଚାଲିଛି।

**ଆରଡ଼ି, ୨୩।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଓଳଗ ପଞ୍ଚାୟତର ସାଠିବାଙ୍କୁଡ଼ା ନିକଟ ବୈତରଣୀ ନଦୀବନ୍ଧରେ ୭ଦିନ ହେଲା ବଲ୍ଲାମରା କାର୍ଯ୍ୟ ଚାଲିଛି। ଏହାକୁ ନେଇ ସାଠିବାଙ୍କୁଡା, ବୋଡ଼କ ସମେତ ଅନ୍ୟ କେତେକ ଗ୍ରାମ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରତିବର୍ଷ ଜଳସେଚନ ବିଭାଗ ପକ୍ଷରୁ ମାଟି ପକାଇ ଏହି ନଦୀବନ୍ଧ ସୁଦୃଢ଼ କରାଯାଏ। ପୂର୍ବବର୍ଷ ମଧ୍ୟ ଏଠାରେ ମାଟି ପଡ଼ିଥିଲା। ହେଲେ ଏହି ବନ୍ଧକୁ କାଟି ବାଲି ମାଫିଆମାନେ ବାଲି ଚୋରା ଚାଲାଣ କରୁଥିଲେ ବି ବିଭାଗୀୟ ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁ ରାସ୍ତା ନଷ୍ଟ ହୋଇଥିବା ଅଭିଯୋଗ ହେଉଛି। ବନ୍ୟା ହେଲେ ଏହି ସ୍ଥାନରେ ଘାଇ ହେବାର ସମ୍ଭାବନା ଥିଲା। ଚଳିତବର୍ଷ ଖରାଦିନେ ମାଟି ନ ପକାଇ ବର୍ଷାଦିନ ଆରମ୍ଭରେ ବଲ୍ଲାମାରି ବାଲିବସ୍ତା ପକାଇବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସମ୍ପୃକ୍ତ ବିଭାଗ ଜଣେ ଠିକାଦାରଙ୍କୁ ବଲ୍ଲା ମାରିବା କାର୍ଯ୍ୟ ଦାୟିତ୍ୱ ପ୍ରଦାନ କରି ଲକ୍ଷାଧିକ ଟଙ୍କା ହଡ଼ପ କରିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ପୂର୍ବତନ ସରପଞ୍ଚ କିଶୋର ନାୟକ କହିଛନ୍ତି। ଜିଲାପାଳ ଏହାର ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ସେହିପରି ସୁନ୍ଦରପୁର ପଞ୍ଚାୟତର ସୁନ୍ଦରପୁରଠାରୁ ଓଳଗ ମଧ୍ୟରେ ବିଭିନ୍ନ ସ୍ଥାନରେ ଦୁର୍ବଳ ନଦୀବନ୍ଧରେ ମାଟି ସହ ବାଲି ପକାଯାଇ ଅସ୍ଥାୟୀ ଭାବେ ମରାମତି ଚାଲିଛି। ଫଳରେ ବନ୍ୟା ଆସିଲେ ସ୍ଥିତି ଜଟିଳ ହେବାର ଆଶଙ୍କା ରହିଥିବା ସ୍ଥାନୀୟ ଅଞ୍ଚଳର ଚାଷୀମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କିଶୋର ଦାସଙ୍କୁ ପଚାରିବାରୁ ବନ୍ୟା ପୂର୍ବରୁ ଦୁର୍ବଳ ନଦୀବନ୍ଧ ସ୍ଥାନରେ ଅସ୍ଥାୟୀ ଭାବେ ମରାମତି କାର୍ଯ୍ୟ ଚାଲିଛି ଏବଂ ପରବର୍ତ୍ତୀ ସମୟରେ ସ୍ଥାୟୀ ମରାମତି ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି।

## ଲୁହା ପ୍ଲେଟ୍ ଚୋରି ଅଭିଯୋଗ: ୧୦ ଗିରଫ

**ସାରସକଣା,୨୩।୭(ଡି.ଏନ.ଏ.)**

ମୟୂରଭ ଜିଲା ଝାରପୋଖରିଆ ଥାନା ଅଞ୍ଚଳରୁ ଲୁହା ପ୍ଲେଟ ଚୋରି ଅଭିଯୋଗରେ ପୋଲିସ ୧୦ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହେମନ୍ତ ମହାନ୍ତ, ରଣଜିତ ମହାନ୍ତ, ଜଳଧର ବିନ୍ଧାଣି, ରବୀନ୍ଦ୍ର ମହାନ୍ତ, ହିମାଂଶୁ ମହାନ୍ତ, ମଙ୍ଗଲୁ ମହାନ୍ତ, ପ୍ରଶାନ୍ତ ବେହେରା, ଅଜିତ ମହାନ୍ତ, ରଜବନ୍ତି ଚୌହାନ ଓ ତାଙ୍କ ସମ୍ପର୍କୀୟ ପଶ୍ଚିମବଙ୍ଗ ରାଜ୍ୟର ପ୍ରସିତ ମଣ୍ଡଳ। ଏନେଇ ପୋଲିସ ଏକ ମାମଲା (ନଂ.୧୬୫/୨୨) ତଦନ୍ତ ଚଳାଇଥିଲା।

ଝାରପୋଖରିଆ ଥାନା ନିକଟରୁ ମାତ୍ର ୨କି.ମି. ଦୂରରେ ଥିବା ଏଲଆଣ୍ଡଟି କମ୍ପାନୀର ବିଟିଂ ପ୍ଲାଣ୍ଟରୁ ଉକ୍ତ ଲୁହା ପ୍ଲେଟ ଚୋରି ହୋଇଥିଲା। ପ୍ଲାଣ୍ଟରେ ସୁପରଭାଇଜର ଭାବେ କାର୍ଯ୍ୟରତ ଥିବା ମଙ୍ଗୁଲୁ ମହାନ୍ତଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ଗତ ଗୁରୁବାର ବିଳମ୍ବିତ ରାତିରେ ଦୁଇଟି ପ୍ଲେଟ କେହି ଚୋରି କରିନେଇଥିବା ଦେଖିଥିଲେ। ସକାଳେ ଖୋଜାଖୋଜି କରି ଜାଣିବାକୁ ପାଇଲେ ଯେ ଅନ୍ଧାରି ଗ୍ରାମ୍ୟ ଜଙ୍ଗଲ ଭିତରେ ଥିବା କବାଡ଼ିଆ ନିକଟରେ ଅଛି । ପୋଲିସ ଉକ୍ତ ସ୍ଥାନକୁ ଯାଇ ଲୁହା ପ୍ଲେଟ ଥିବା ଭ୍ୟାନକୁ ଜବତ କରିଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଏଏସଆଇ ରମେଶ ମାଝି ପ୍ରକାଶ କରିଛନ୍ତି।

## ମଧ୍ୟାହ୍ନଭୋଜନ ଗୃହ ଉଦ୍‌ଘାଟିତ

**ଢେଙ୍କିକୋଟ, ୨୩।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ଢେଙ୍କିକୋଟ ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ଯୋଜନା ଦ୍ୱାରା ନବନିର୍ମିତ ମଧ୍ୟାହ୍ନ ଭୋଜନ ଗୃହ ଶୁକ୍ରବାର ଉଦ୍‌ଘାଟନ ହୋଇଯାଇଛି। ଏହି ଉଦ୍‌ଗାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ମିଶ୍ର, ସମ୍ମାନନୀୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଘଟଗାଁ ବ୍ଲକ ଶିକ୍ଷାଧିକାରୀ ଅଭୟ କୁମାର ବେହେରା ଯୋଗ ଦେଇ ନୂତନ ଗୃହକୁ ଫିତା କାଟି ଉଦ୍‌ଘାଟନ କରିଛନ୍ତି। ଏଥିନିମନ୍ତେ ବିଦ୍ୟାଳୟ ପରିସର ମଧ୍ୟରେ ଏକ ସଭା ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ମୋ ସ୍କୁଲ ଅଭିଯାନର ସଭାପତି ଲଲାଟେନ୍ଦୁ ସାହୁ ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିନତୀ ମହାରଣା ସଭାପରିଚାଳନା କରିଥିଲେ। ଜାତୀୟ ରାଜପଥ ଠାରୁ ୨୦୦ ମିଟର ବିଦ୍ୟାଳୟ ରାସ୍ତା ଅତି କଦର୍ଯ୍ୟ ହୋଇଛି। ରାସ୍ତା ପାର୍ଶ୍ୱରେ ଥିବା ମାଛ ମାଂସ ଦୋକାନ ଗୁଡ଼ିକୁ ଉଚ୍ଛେଦ କରିବା ପାଇଁ ଛାତ୍ରୀଛାତ୍ର ଜଣାଇଛନ୍ତି। ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିବାବେଳେ କାର୍ଯ୍ୟକ୍ରମକୁ ସମସ୍ତ ପୁରାତନ ଛାତ୍ରୀଛାତ୍ର ଓ ଶିକ୍ଷୟତ୍ରୀ ସହଯୋଗ କରିଛନ୍ତି ।



ମଧ୍ୟାହ୍ନ ଭୋଜନ ଗୃହ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

# ଟ୍ରେନ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

**ରୂପ୍‌ସା,୨୩।୭(ଡି.ଏନ.ଏ.)**

ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅଧୀନ ବାଲେଶ୍ୱର ଜିଲା ଅନ୍ତର୍ଗତ ନୂଆଗାଁ ରେଳ ଷ୍ଟେଶନ ନିକଟରେ ଶନିବାର ଟ୍ରେନ୍ ଧକ୍କାରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ରୂପ୍‌ସା ଥାନା ରାଉତପଡ଼ା ପଞ୍ଚାୟତ ଝିଙ୍କିରିଆ ଗ୍ରାମର ସୁକାନ୍ତି ରାୟ (୫୫)। ରେଳ ଲାଇନ ପାରି ହେଉଥିବା ବେଳେ ଏକ ମାଲଗାଡ଼ି ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବାଲେଶ୍ୱର ଜିଆର୍‌ପି ଏଏସ୍‌ଆଇ ଆର୍ ପାଲଟାସିଂ ପହଞ୍ଚି ଡାଉନ ଲାଇନ ରେଳଧାରଣାରୁ ମୃତଦେହ ଜବତ କରିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୫୯ /୨୨) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ବିପଦସଙ୍କୁଳ ପୋଲ ସ୍ଥିତି ଅନୁଧ୍ୟାନକଲେ ଅଧିକାରୀ



ଅଧିକାରୀ ପୋଲ ନିକଟରେ ଅନୁଧ୍ୟାନ କରୁଛନ୍ତି।

## ଧରିତ୍ରୀ ପ୍ରଭାବ

**ଧାମନଗର, ୨୩।୭ (ସ୍ୱ.ପ୍ର.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତ ପଳିକିରି ଗ୍ରାମ ନିକଟସ୍ଥ 'ଘ' ନଦୀ ଉପରେ ଥିବା କଂକ୍ରିଟ ପୋଲ ବିପଦସଙ୍କୁଳ ଅବସ୍ଥାରେ ଥିବା ନେଇ ଖବର ଗତ ସୋମବାର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାର ପ୍ରଭାବରେ ନିକଟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀମାନେ ତଦନ୍ତ କରି ଫେରିଛନ୍ତି। ବିଭାଗୀୟ ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଲେଖ ଚନ୍ଦ୍ର ସାହୁ, ଅଧୀକ୍ଷଣ ଯନ୍ତ୍ରୀ ଦୁର୍ଗାପ୍ରସାଦ କରଣ ପ୍ରମୁଖ ଅନୁଧ୍ୟାନ କରିବା ସହ ପ୍ରାୟ ୩୦ଲକ୍ଷ ଟଙ୍କାର ଏଷ୍ଟିମେଟ କରି ଉପରିସ୍ଥ ଅଧିକାରୀଙ୍କୁ ପ୍ରସ୍ତାବ ଦିଆଯାଇଛି। ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଏହା କାର୍ଯ୍ୟକାରୀ କରାଯିବ ବୋଲି କହିଛନ୍ତି।

ପ୍ରକାଶ ଯେ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ପଳିକିରି ଛକଠାରୁ ଚନ୍ଦନେଶ୍ୱର ଗ୍ରାମ ପର୍ଯ୍ୟନ୍ତ ୩ କି.ମି.ରୁ ଊର୍ଦ୍ଧ୍ୱ ରାସ୍ତାର ପଳିକିରି ଚିଆଁ ବଜାର ନିକଟବର୍ତ୍ତୀ ଏହି ନଦୀ ଉପରେ ପୋଲ ନିର୍ମାଣ କରାଯାଇଥିଲା। ୨୫ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ପୋଲଟି ରକ୍ଷଣାବେକ୍ଷଣ ଅଭାବରୁ ଫାଟ ସୃଷ୍ଟି ହୋଇଥିବା ବେଳେ ଖୁଣ୍ଟ ନଷ୍ଟ ହୋଇଯାଇଛି। ନିକଟରେ ଲଗାଣ ବର୍ଷା ଯୋଗୁ ଚତୁପାର୍ଶ୍ୱରେ ହୋଇଥିବା ଗାର୍ଡୱାଲ ସମ୍ପୂର୍ଣ୍ଣ ଧସିଯାଇଛି। ପୋଲର ମରାମତି କିମ୍ବା ଏକ ନୂତନ ପୋଲ ତିଆରି ପାଇଁ ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ସରପଞ୍ଚ ପ୍ରତିନିଧି କପିଳେନ୍ଦ୍ର ବଳ ଦାବି କରିଥିଲେ।

# ୩ମାସ ହେଲା ଘଟଗାଁ ବସ୍‌ଷ୍ଟାଣ୍ଡ ଶୌଚାଳୟରେ ତାଲା

**ଘଟଗାଁ,୨୩।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ଘଟଗାଁ ବସ୍‌ଷ୍ଟାଣ୍ଡ ନିକଟରେ ସ୍ଥାନୀୟ ମୁକୁନ୍ଦପୁରପାଟଣା ପଞ୍ଚାୟତ ପକ୍ଷରୁ ଦ୍ୱାଦଶ ଅର୍ଥ କମିଶନ ଅନୁଦାନରେ 'ଆମ ଶୌଚାଳୟ' ନିର୍ମାଣ କରାଯାଇଥିଲା। ୨୦୦୯ରେ ତତ୍କାଳୀନ ବିଡିଓ ରତ୍ନାକର ସିଂହଙ୍କ ଉଦ୍ୟମରେ ମା' ତାରିଣୀ ପୀଠକୁ ଆସୁଥିବା ଶ୍ରଦ୍ଧାଳୁ ଓ ବସ୍‌ଯାତ୍ରୀଙ୍କ ସ୍ନାନଶୌଚ ପାଇଁ ଏହି ଶୌଚାଳୟ ବିଶେଷ ସହାୟକ ହେବା ଉଦ୍ଦେଶ୍ୟରେ କରାଯାଇଥିଲା। ତତ୍କାଳୀନ ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ବର୍ତ୍ତମାନର ବିଧାୟକ ବଦ୍ରିନାରାୟଣ ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ଅନ୍ନପୂର୍ଣ୍ଣା ଦେହୁରୀଙ୍କ ପ୍ରଥମ ପଦକ୍ଷେପ ଥିଲା। ମାତ୍ର ଆବଶ୍ୟକ ରକ୍ଷଣାବେକ୍ଷଣ କରାଯାଉ ନ ଥିବା ବେଳେ ଗତ ୩ମାସ ହେଲା ତାଲା ପଡ଼ିଛି। ଫଳରେ ଶ୍ରଦ୍ଧାଳୁ ଓ ଯାତ୍ରୀମାନେ ଚରମ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ମହିଳାମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।



ଘଟଗାଁ ବସ୍‌ଷ୍ଟାଣ୍ଡରେ ଥିବା ଆମ ଶୌଚାଳୟ।

ଅନୁସନ୍ଧାନରୁ ଜଣାଯାଇଛି ଯେ, ଏହାର ମରାମତି ଆବଶ୍ୟକ ଦୃଷ୍ଟିରୁ ଗତ ବର୍ଷରୁ ୨ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବା ପାଇଁ ପଞ୍ଚାୟତ ପକ୍ଷରୁ ପ୍ରସ୍ତାବ ଅନୁମୋଦନ ହୋଇ ମଞ୍ଜୁର ମଧ୍ୟ ହୋଇଛି। ଖାଲି ସେତିକି ନୁହେଁ ଏଥିପାଇଁ ଫାଇଲ ଖୋଲାଯାଇ କନିଷ୍ଠଯନ୍ତ୍ରୀଙ୍କୁ କାର୍ଯ୍ୟକରିବା ପାଇଁ ପଠାଯାଇଛି। ମୋଟର ପୋଡ଼ିଯାଇ ଅଚଳ ହୋଇଯାଇଛି। ଫଳରେ ଏହାକୁ ତାଲା ପକାଯାଇଛି। ମାତ୍ର ଆଜିଯାଏ କାମ ତ ଦୂରର କଥା କନିଷ୍ଠ ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇ ନାହାନ୍ତି।

ଏସମ୍ପର୍କରେ ସରପଞ୍ଚ ଅନ୍ନପୂର୍ଣ୍ଣା ଦେହୁରୀ କହିଛନ୍ତି, ମରାମତି ଆବଶ୍ୟକ ଥିବାରୁ ପଞ୍ଚାୟତ ବୈଠକରେ ଏକ ପ୍ରସ୍ତାବ ଅନୁମୋଦନ କରି ଏଥିପାଇଁ ଦୁଇଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ ରଖି ମଞ୍ଜୁର କରାଯାଇଥିଲା। ୨୦୨୧-୨୨ ବର୍ଷରେ ଏଥିପାଇଁ ଫାଇଲ ମଧ୍ୟ ଖୋଲାଯାଇଛି। ବର୍ଷେ ପୂରିଲାଣି କନିଷ୍ଠ ଯନ୍ତ୍ରୀ ଜଣକ ଏଷ୍ଟିମେଣ୍ଟ କିମ୍ବା ଲେ ଆଉଟ ଦେଉ ନାହାନ୍ତି। ଏ ନେଇ ବିଡିଓଙ୍କୁ ମଧ୍ୟ ସାକ୍ଷାତ କରି ତୁରନ୍ତ ପଦକ୍ଷେପ ନେବାପାଇଁ ଅନୁରୋଧ କରିଥିବା କହିଥିଲେ। କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତଙ୍କୁ ପଚାରିବାରୁ ସେ ଫାଇଲ ଖୋଲାଯାଇଥିବା କହିଥିଲେ ହେଁ ମାତ୍ର ତାଙ୍କ ପାଖକୁ ଆସିନାହିଁ ବୋଲି ଜଣାଇଛନ୍ତି। ବିଡିଓ ନାରାୟଣ ସାହୁ କହିଛନ୍ତି ଏହା ପଞ୍ଚାୟତର ସମ୍ପତ୍ତି। ସେ କାହିଁକି ଖୋଲୁନାହାନ୍ତି। ମରାମତି ଦରକାର ଥିଲେ ଖର୍ଚ୍ଚ କରିପାରିବେ। ମୁଁ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ ମରାମତି କରି ଏହାକୁ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛି।

### ଲୋକେ ହଇରାଣ

## ସଂକ୍ଷେପରେ

### ଆନନ୍ଦପୁରକୁ ଗୌରବାନ୍ୱିତ କଲେ ଇଶାନୀ

ଆନନ୍ଦପୁର,୨୩।୭(ସ୍ୱ.ପ୍ର.)- ନିଜର ବଳିଷ୍ଠ ଅଧ୍ୟବସାୟ, ସମୟାନୁବର୍ତ୍ତି ଓ କଠିନ ପରିଶ୍ରମ ପାଇଁ ଓଡିଶା ଆଦର୍ଶ ବିଦ୍ୟାଳୟ ଶାଳପଡା, ଆନନ୍ଦପୁରର ଯୁକ୍ତ ୨ ବିଜ୍ଞାନ ଛାତ୍ରୀ ଇଶାନୀ ବିଶୋଇ ରାଜ୍ୟରେ ଟପ୍ପର ହୋଇଛନ୍ତି। ଇଶାନୀ ୯୬.୨ ପ୍ରତିଶତ ନମ୍ବର ରଖି ଏହି କୃତିତ୍ୱ ହାସଲ କରିଛନ୍ତି। ସେ ମୋଟ ୫୦୦ ନମ୍ବରରୁ ୪୮୧ ନମ୍ବର



ରଖିଛନ୍ତି। ବିନା ଟ୍ୟୁଶନରେ ତାଙ୍କର ଏଭଳି ସଫଳତା ଆଗାମୀ ପିଢିର ଛାତ୍ରୀଛାତ୍ରଙ୍କ ପାଇଁ ଉଦାହରଣ ପାଲଟିଛି। ସେ ଜଣେ ଉତ୍ତମ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ତାଙ୍କର ଏହି କୃତିତ୍ୱକୁ ନେଇ ଜେଜେ ତରୁଣ କୁମାର ବିଶୋଇ, ଜେଜେ ମା' ଜାନକୀ ପ୍ରଭା, ଅଜା ନରେଶ ଚନ୍ଦ୍ର ଧିର, ଆଈ ସୌଭାଗ୍ୟଲତା ଧିର, ବାପା ତନ୍ମୟ କୁମାର, ମା' ସୁନୟନା ପ୍ରମୁଖ ଖୁସି ବ୍ୟକ୍ତ କରିବା ସହିତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ତାଙ୍କ ପାଇଁ ଗର୍ବ ଅନୁଭବ କରିଛନ୍ତି।

### ୪୯ୟୁନିଟ୍ ରକ୍ତ ସଂଗୃହୀତ

ବାରିପଦା ଅଫିସ,୨୩।୭- ମୟୂରଭଞ୍ଜ ଜିଲା ବାରିପଦା ରାଣୀଭୋଳ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ରେଡକ୍ରସ ସୋସାଇଟି ଓ ଜିଲା ରକ୍ତ ଭଣ୍ଡାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରକୁ ମୁଖ୍ୟଅତିଥି ଭାବେ ବାରିପଦା ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ବିଦ୍ୟାଳୟ ପକ୍ଷରୁ ଏଭଳି ଏକ ଶିବିର ଆୟୋଜନ କରିଥିବାରୁ ରକ୍ତ ଦାତା ଓ ଆୟୋଜକଙ୍କୁ ପ୍ରଶଂସା କରିଛନ୍ତି । ଏଥିରେ ମୋଟ ୪୯ୟୁନିଟ ରକ୍ତ ସଂଗୃହୀତ ହୋଇଛି। ସମ୍ମାନିତ ଅତିଥି ଭାବେ ବିଇଓ ପ୍ରଭାତୀ ପଟ୍ଟନାୟକ, ସୋସାଇଟିର ସଦସ୍ୟ ଅସୀମ ଚକ୍ରବର୍ତ୍ତୀ, ସୋମନାଥ ସିଂ, ସିଆରସିସି ଗୀତିକା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରକୁ ଶିକ୍ଷକ ଦେବେନ୍ଦ୍ର ପାଣି, ହିମାଂଶୁ ଦାସ, କମଳ ଲୋଚନ ଭଦ୍ରା, ସଂଗ୍ରାମ କେଶରୀ ପାତ୍ର, ବିଜୟ ପୃଷ୍ଟିଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଛନ୍ତି ।

### ଚାଷୀଙ୍କୁ ବିହନ ବଣ୍ଟନ

ଚମ୍ପୁଆ, ୨୩।୭(ଡି.ଏନ.ଏ.): କୃଷି କ୍ଷେତ୍ରରେ ଅଗ୍ରାଧିକାର ଦେବା ଲକ୍ଷ୍ୟ ନେଇ ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତର ଚାଷୀମାନଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ମିଶନ ସହଯୋଗରେ ମାଗଣାରେ ମୁଗ ଓ ବିରି ବିହନ ପ୍ୟାକେଟ୍ ବଣ୍ଟନ କରାଯାଇଛି। ୫ ଏକର ଜାଗାରେ ମୁଗ ଓ ୫୦ ଏକର ଜାଗାରେ ବିରି ଚାଷ ପାଇଁ ପଞ୍ଚାୟତ ଚାଷୀଙ୍କୁ ଏହି ସୁବିଧା ପ୍ରଦାନ କରାଯାଇଛି। କୃଷି ଅଧିଦର୍ଶକ ଗଙ୍ଗାଧର ଦାସ, ରଜିଆ ସରପଞ୍ଚ ସନ୍ତୋଷ କୁମାର ନାଏକ ପ୍ରମୁଖ ଚାଷୀମାନଙ୍କୁ ଏହି ବିହନ ବଣ୍ଟନ କରିଥିବା ବେଳେ ସୁବ୍ରତ କୁମାର ଯାଦବ, ଅଜିତ କୁମାର ପ୍ରଧାନ ଓ ପପୁଲାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ୮ଜଣ ଚାଷୀଙ୍କୁ ମୁଗ ବିହନ ପ୍ରଦାନ କରାଯାଇଥିବା ବେଳେ ପ୍ରାୟ ୩୫ ଚାଷୀଙ୍କୁ ବିରି ବିହନ ବଣ୍ଟନ କରାଯାଇଥିଲା।

# ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଖୋଲିବାରେ ବିଳମ୍ବ

**ନିଯୁକ୍ତ ହୋଇଛନ୍ତି ୭୫ ପ୍ରଫେସର, ଡାକ୍ତର**

କେନ୍ଦୁଝର,୨୩।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ କାର୍ଯ୍ୟ ଶେଷ ହେବାରେ ବିଳମ୍ବ ଘଟୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଫଳରେ ଅତ୍ୟାଧୁନିକ ଚିକିତ୍ସା ସେବା ପାଇବା ସହ ପିଲାଙ୍କ ପାଠ ପଢ଼ା ନେଇ ଅନିଶ୍ଚିତତା ଦେଖାଦେଇଛି। କେବେ ମେଡିକାଲ କାମ ସରିବ ଏବଂ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ସେନେଇ ଠିକ ଘୋଷଣା ହେଉ ନ ଥିବାବେଳେ ଜିଲା ମୁଖ୍ୟ ଡାକ୍ତରଖାନାରେ ଅସ୍ଥାୟୀ ଭାବେ ମେଡିକାଲ କଲେଜ ଓ ହସ୍ପିଟାଲ ଚାଲୁଥିବା କୁହାଯାଇଛି। ଏଥିପାଇଁ ସମୁଦାୟ ୭୫ ଜଣ ଡାକ୍ତର ନିଯୁକ୍ତି ହୋଇସାରିଛନ୍ତି। ଜଣେ ଅଧକ୍ଷ ତଥା ଡିନ, ଜଣେ ସୁପରିଣ୍ଟେଣ୍ଡେଣ୍ଟ, ୫ ଜଣ ପ୍ରଫେସର, ୧୨ ଜଣ ଆସୋସିଏଟ ପ୍ରଫେସର, ୩୬ ଜଣ ଆସିଷ୍ଟାଣ୍ଟ ପ୍ରଫେସର, ୧୬ ଜଣ ଟ୍ୟୁଟର ସମେତ ୭୫ ଜଣ ନିଯୁକ୍ତି ପାଇଥିବା ସରକାରୀ ଭାବେ ଜଣାପଡ଼ିଛି। ତେବେ ମେଡିକାଲ କଲେଜ ଓ ହସ୍ପିଟାଲ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବାରୁ ସେମାନଙ୍କ ଉପସ୍ଥିତି ଠିକ କାର୍ଯ୍ୟକାରୀ ହୋଇପାରୁ ନାହିଁ ବୋଲି ଅଭିଯୋଗ ହେଉଛି। ସେହିପରି ଆଉଟ ସୋର୍ସିଂ ଜରିଆରେ ୭୦ରୁ ଊର୍ଦ୍ଧ୍ୱ ଆଟେଣ୍ଡାଣ୍ଟ, ସୁଇପର ଆଦି ନିଯୁକ୍ତି ଦିଆଯାଇଛି ।

ଏଠାରେ ସୂଚନାଯୋଗ୍ୟ, ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ଅର୍ଥରେ ନିର୍ମାଣ ହେଉଥିବା ଏହି ମେଡିକାଲ କଲେଜ ଓ ଡାକ୍ତରଖାନା ଚଳିତ ଶିକ୍ଷା ବର୍ଷରୁ ଚାଲିବ। କିନ୍ତୁ ଅଦ୍ୟାବଧି ମେଡିକାଲର ଶୁଭାରମ୍ଭ ହୋଇ ପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ନିର୍ମାଣ କାର୍ଯ୍ୟରେ ବିଳମ୍ବ ହେଉଥିବାରୁ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଫଳରେ କର୍ମଚାରୀମାନେ ବସି ବସି ଦରମା ନେଉଥିବା ବେଳେ ରୋଗୀ ଉପଯୁକ୍ତ ସେବା ପାଇପାରୁ ନ ଥିବା ଅନେକ ମତବ୍ୟକ୍ତ କରୁଛନ୍ତି। ସ୍ଥାନ ଅଭାବ ମଧ୍ୟରେ ଜିଲା ମୁଖ୍ୟଡାକ୍ତରଖାନାରେ ଏହି ବରିଷ୍ଠ ଡାକ୍ତରମାନେ ବସି ଚିକିତ୍ସା କରୁଥିଲେ ହେଁ ଅନେକ ରୋଗୀ ସେମାନଙ୍କ ବିଷୟରେ ଅବଗତ ହୋଇ ପାରୁନାହାନ୍ତି। ଅଭିଜ୍ଞ ଡାକ୍ତରଙ୍କ ପାଖରେ ଅଧିକ ଚିକିତ୍ସା ପାଇବା ପାଇଁ ସାଧାରଣତଃ ରୋଗୀମାନେ କଟକ ବଡ଼ଡାକ୍ତରଖାନା ଯାଇଥାନ୍ତି। ତେବେ ଏହି ଡାକ୍ତରମାନେ କେନ୍ଦୁଝରରେ ଚିକିତ୍ସା କରୁଥିଲେ ହେଁ ଉପଯୁକ୍ତ ପ୍ରଚାର ପ୍ରସାର କରାଯାଉ ନ ଥିବାରୁ ରୋଗୀମାନେ ଚିକିତ୍ସା ସୁବିଧା ପାଇପାରୁ ନାହାନ୍ତି ବୋଲି ମତ ପ୍ରକାଶ ପାଉଛି ।

ଏସମ୍ପର୍କରେ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଡା. ଶୁଭବ୍ରତ ପରିଡ଼ା କହିଛନ୍ତି, ମେଡିକାଲ କଲେଜ କୋଠା ଉଦ୍‌ଘାଟନ ହେବା ପର୍ଯ୍ୟନ୍ତ ରୋଗୀ ଚିକିତ୍ସା ଜିଲା ମୁଖ୍ୟ ଡାକ୍ତରଖାନାରେ ଚାଲିଛି। ନିଯୁକ୍ତି ପାଇଥିବା ଡାକ୍ତରମାନେ ଏହି ଚିକିତ୍ସା କରୁଛନ୍ତି। ଧୀରେ ଧୀରେ ସବୁ ସ୍ୱାଭାବିକ ହେବ। ସେହିପରି ପାଠ ପଢାଇବା ପାଇଁ ମଧ୍ୟ ପ୍ରଫେସର ଓ ଟ୍ୟୁଟର ନିଯୁକ୍ତି ହୋଇଛନ୍ତି। ପିଲାଙ୍କ ନାମ ଲେଖା ପରେ ପାଠ ପଢ଼ା ଆରମ୍ଭ ହେବ।

# ସ୍ପେଶାଲ ଅଡିଟ ହେଲେ ଖୋଲିବ ଗୁମର

**ଲକ୍ଷ୍ମୀନାରାୟଣ କଲେଜ ଅର୍ଥ ଆତ୍ମସାତ୍ ଘଟଣା**

**ଦୁଇ ପୂର୍ବତନ ଅଧକ୍ଷଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ**

ବାଲେଶ୍ୱର ଅଫିସ/ ରୂପସା,୨୩।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜର ଅର୍ଥ ଆତ୍ମସାତ୍ ଘଟଣାରେ ଦୁଇ ପୂର୍ବତନ ଅଧକ୍ଷଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ବାରମ୍ବାର ଖବରଦାତା ସମ୍ମିଳନୀ କରି ପରସ୍ପର ଉପରେ ଦୋଷ ଲଦି ଚାଲିଛନ୍ତି। ଲୋକାଲ ଫଣ୍ଡ ଅଡିଟ୍ ହୋଇ ଗତ ୨୦୧୪ରୁ ୨୦୧୮ ମଧ୍ୟରେ ଉକ୍ତ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧକ୍ଷ ଓ ପ୍ରାଧ୍ୟାପକଙ୍କ ଉପରେ ମୋଟ୍ ୨କୋଟି ୪୭ଲକ୍ଷ ୫୦ହଜାର ୪୪୬ ଟଙ୍କା ରିକୋଭରି କରିବା ପାଇଁ ବର୍ତ୍ତମାନର ଅଧକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଗତ ୨୧ ତାରିଖରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ଅଧକ୍ଷ ଶଙ୍କର ଚରଣ ଜେନା ସୂଚନା ଦେଇଥିଲେ। ସେହିପରି ୨୦୧୮ରୁ ୨୦୧୯ ମଧ୍ୟରେ ସ୍ପେଶାଲ ଅଡିଟ ହେଲେ ଇତିମଧ୍ୟରେ ହୋଇଥିବା ବହୁ ଘୋଟାଲାର ତଥ୍ୟ ବାହାରକୁ ଆସିପାରିବ ବୋଲି ଶନିବାର ବସ୍ତା ସ୍ଥିତ ବାହାର୍ଦ୍ଧା ଡାକବଙ୍ଗଳାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ଅଧକ୍ଷ ଡ. ରସିକାନନ୍ଦ ମହାନ୍ତି ପ୍ରକାଶ କରିଛନ୍ତି।

୧୯୭୬ରେ ଜାମଶୁଳୀ ଠାରେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଗତ ୨୦୧୪ରୁ ୨୦୧୮ ମଧ୍ୟରେ ଦାୟିତ୍ୱରେ ଥିବା ଅଧକ୍ଷ, ଆଡମିଶନ୍-ଇନ୍-ଚାର୍ଜ, ଆକାଉଣ୍ଟାଣ୍ଟ, ଆକାଉଣ୍ଟ ଦାୟିତ୍ୱରେ ଥିବା କର୍ମଚାରୀମାନେ ବିଭିନ୍ନ ଚଞ୍ଚକତା କରିଥିଲେ। ମହାବିଦ୍ୟାଳୟର ଆକାଉଣ୍ଟସ୍ ସହିତ କୌଣସି ତାଳମେଳ ନ ମିଳିବାରୁ ଲୋକାଲ ଫଣ୍ଡ ଅଡ଼ିଟ୍‌ରେ ଆସିଥିବା ଅଧିକାରୀମାନେ ମହାବିଦ୍ୟାଳୟର ଉକ୍ତ ଦାୟିତ୍ୱରେ ଥିବା ଅଧକ୍ଷଙ୍କ ସହିତ ପ୍ରାଧ୍ୟାପକ ଓ କିରାଣୀଙ୍କ ଠାରୁ ୨କୋଟି ୪୭ଲକ୍ଷ ୫୦ହଜାର ୪୪୬ ଟଙ୍କା ରିକୋଭରି କରିବା ପାଇଁ ସ୍ଥିର କରିଥିଲେ। ୨ମାସ ଭିତରେ ଏହାର ସଠିକ୍ ତଥ୍ୟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବର୍ତ୍ତମାନର ଅଧକ୍ଷ ଉମାକାନ୍ତ ପାତ୍ର ଏହି ନିର୍ଦ୍ଦେଶନାମାକୁ ଗ୍ରହଣ କରି ମଧ୍ୟ ୨ମାସ ବିତିଯାଇଥିଲେ ସୁଦ୍ଧା ତଥ୍ୟ ନ ଦେବାରୁ ଟଙ୍କା ଆତ୍ମସାତ ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

ପୂର୍ବତନ ଅଧକ୍ଷ ଡ. ମହାନ୍ତି ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ପୂର୍ବତନ ଅଧକ୍ଷ ଜେନା ଯେଉଁ ଅଡିଟ ରିପୋର୍ଟ ଅନୁଯାୟୀ ଘୋଟାଲା ହୋଇଥିବା କଥା କହିଛନ୍ତି ତାହା ତାଙ୍କର ଅପରିଣାମ ଦର୍ଶିତାର ପରିଚୟ ଦେଉଛି। ବର୍ତ୍ତମାନର ଅଧକ୍ଷ ରିପୋର୍ଟର କମ୍ପ୍ଲାଏ ଦେବା ପରେ ଯାଇ ସ୍ପେଶାଲ ଅଡିଟ୍ ପ୍ରକ୍ରିୟା ଶେଷ ହେବ। ଅପୂର୍ଣ୍ଣାଙ୍ଗ ରିପୋର୍ଟକୁ ଆଧାର କରି ଜେନା ଆତ୍ମସାତ ଅଭିଯୋଗ ଆଣିବା ଆଇନ ବିରୋଧୀ। ଜେନାଙ୍କ ବିରୋଧରେ ଚିଠି ନଂ. ୪୧୯/୧୭ ଏବଂ ଚିଠି ନଂ. ୪୨୨/୧୭ ରେ ଗୁରୁତର ଅଭିଯୋଗ ଆସିଥିଲା। ସେହିପରି ଜେନାଙ୍କ ବିରୋଧରେ ଉଚ୍ଚ ନ୍ୟାୟାଳୟରେ ସିଆରଏଲ୍‌ଏମ୍‌ସି ନଂ.୧୨୭୪/୨୦୧୯ ମୂଳେ ଏକ ଫୌଜଦାରୀ ମାମଲା ଅଦ୍ୟାବଧି ଚାଲିଛି। ଅଡିଟ ରିପୋର୍ଟ ୨୯।୫।୨୦ ମୂଳେ ବାଲେଶ୍ୱର ଲୋକାଲ ଫଣ୍ଡ ଅଡିଟ ଜେନାଙ୍କ ନାମରେ ୫୧ଲକ୍ଷ ୪୮ହଜାର ୫୨୯ ଟଙ୍କା ରିକୋଭାରି ପାଇଁ ପରାମର୍ଶ ଦେଇଛି। ସେ ଯେଉଁ ବେଆଇନ ନିଯୁକ୍ତି କଥା ଉଠାଇଛନ୍ତି ତାହାକୁ ତତ୍କାଳୀନ ପରିଚାଳନା କମିଟି ରିଜ୍ୟୁଲୁସନ ନଂ.୨୧୨/୨।୧୦।୨୦୧୫ ମୂଳେ ଆଇନ୍ ସ୍ୱୀକୃତ ହୋଇଛି। କଲେଜ ଆକାଉଣ୍ଟସରେ ମିସେଲିନିଅସ ପାସ ବୁକ୍, ବିଜ୍ଞାନ ବିଭାଗ ଜମା ଖାତା, ମନ୍ଦିର ଜମା ଖାତାରୁ ଜେନା ସମ୍ପୂର୍ଣ୍ଣ ଟଙ୍କା ଉଠାଇ ନେଇ ତାହାକୁ ମୃତ (ଡେଡ୍) କରିଛନ୍ତି ବୋଲି ଡ. ମହାନ୍ତି କହିଛନ୍ତି। ପୂର୍ବ ଖବରଦାତା ସମ୍ମିଳନୀରେ ଡ. ମହାନ୍ତି ଅର୍ଥ ହେରଫେରରେ ସମ୍ପୃକ୍ତ ଥିବା ଜେନା ଆଣିଥିବା ଅଭିଯୋଗକୁ ଖଣ୍ଡନ କରି ସ୍ପେଶାଲ ଅଡିଟ୍ ପାଇଁ ଦାବି କରିଛନ୍ତି।

# ରୂପାନ୍ତରିତ ବିଦ୍ୟାଳୟ, ଗ୍ରାମୀଣ ପାର୍କ ବୁଲି ଦେଖିଲେ ଜିଲାପାଳ



ସାବରଙ୍ଗ ସ୍କୁଲ ପରିଦର୍ଶନ ସମୟରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଅନ୍ୟ ଅଧିକାରୀମାନେ।

ପଦ୍ମପୁର, ୨୩।୭ (ଡି.ଏନ.ଏ.)

ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସଦର ବ୍ଲକ ଅଧୀନ ସାହାଡ଼ା ଓ ସାବରଙ୍ଗ ପଞ୍ଚାୟତର ୫-ଟି ରୂପାନ୍ତରିତ ବିଦ୍ୟାଳୟ, କଲ୍ୟାଣ ମଣ୍ଡପ ଓ ପାର୍କ ବୁଲି ଅନୁଧ୍ୟାନ କରିଛନ୍ତି। ଶୁକ୍ରବାର ଅପରାହ୍ନରେ ଜିଲାପାଳ ସାହାଡ଼ା ପଞ୍ଚାୟତର ପ୍ରମୋଦ ପାର୍କ, ରୂପାନ୍ତରିତ ସାବରଙ୍ଗ ଉଚ୍ଚ ବିଦ୍ୟାଳୟ ଓ ସାବରଙ୍ଗ ପଞ୍ଚାୟତର କଲ୍ୟାଣ ମଣ୍ଡପ ବୁଲି ଦେଖିବା ସହ ଭିତ୍ତିଭୂମିର ପରିଚାଳନା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହାପରେ ସେ ବ୍ରହ୍ମପୁର ପଞ୍ଚାୟତର ବରାଙ୍ଗଠାରେ ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା କରାଯାଇଥିବା ଛେଳି ଫାର୍ମକୁ ବୁଲି ଦେଖିଥିଲେ।

ସେହିପରି ରୂପାନ୍ତରିତ ବ୍ରହ୍ମପୁର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଭିତ୍ତିଭୂମିକୁ ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଜିଲାପାଳଙ୍କ ସହ ବିଡିଓ ସୀତାକାନ୍ତ ପତି, ସହାୟକ ଯନ୍ତ୍ରୀ ମନୋଜ କୁମାର ସେନାପତି, କନିଷ୍ଠ ଯନ୍ତ୍ରୀ ଅକ୍ଷୟ କୁମାର ଘଡ଼େଇ, ପୂର୍ବତନ ସରପଞ୍ଚ ରଞ୍ଜିତା ନାୟକ, ସାମାଜିକ କର୍ମୀ ଟିକୁ ମହାପାତ୍ର, ହୀରାଲାଲ ମୁଦୁଲି, ସରପଞ୍ଚ ମାଧବାନନ୍ଦ ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବାଦଲ କିଶୋର ମହାପାତ୍ର, ପ୍ରଧାନଶିକ୍ଷୟିତ୍ରୀ ଅବନ୍ତୀ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥରାଶିରେ ଭିତ୍ତିଭୂମିର ସୁରକ୍ଷା ଓ ସୁପରିଚାଳନା ପାଇଁ ସରକାରୀ କର୍ମଚାରୀ ଏବଂ ଜନସାଧାରଣ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

# ବୁଲିଲା ଚାଷୀ ପଞ୍ଜୀକରଣ ପ୍ରଚାର ରଥ

ଚମ୍ପୁଆ, ୨୩।୭(ଡି.ଏନ.ଏ.)

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଆନୁକୂଲ୍ୟରେ ନିୟନ୍ତ୍ରିତ ବଜାର କମିଟି ଚମ୍ପୁଆ ପକ୍ଷରୁ ଖରିଫ ୨୦୨୨-୨୩ ଚାଷୀ ପଞ୍ଜୀକରଣ ନିମନ୍ତେ ପ୍ରଚାର ରଥର ଶୁଭାରମ୍ଭ କରାଯାଇଛି। ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରତିମୟ ଏହି ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ଚମ୍ପୁଆ ବ୍ଲକ, ଯୋଡ଼ା ବ୍ଲକ ଓ ଝୁମ୍ପୁରା ବ୍ଲକରେ ଚାଷୀମାନଙ୍କୁ ସଚେତନ କରିବା ସହିତ ପଞ୍ଜୀକରଣ ପାଇଁ ସୂଚନା ପ୍ରଦାନ କରିବ। ପଞ୍ଜୀକରଣ ପାଇଁ ଚାଷୀଙ୍କୁ ବ୍ୟାଙ୍କ ପାସବୁକ୍, ଚାଷ ଜମିବାବଦରେ ପ୍ରମାଣ ପତ୍ର, ଆଧାର କାର୍ଡର ନକଲ, ଯଦି ଭାଗ ଚାଷୀ ହୋଇଥାନ୍ତି ତେବେ ସମ୍ପୃକ୍ତ ଜମି ମାଲିକର ସହମତି ପତ୍ର ପ୍ରଦାନ କରିବାକୁ ପଡ଼ିବ। ଚାଷୀମାନେ ସମିତି କାର୍ଯ୍ୟାଳୟରେ ଅଗଷ୍ଟ ୧୬ ମଧ୍ୟରେ ଖରିଫ ଧାନ ବିକ୍ରି ସମ୍ବନ୍ଧରେ ଫର୍ମ ପୂରଣ କରିବାକୁ ସୂଚନା ଦିଆଯିବା ସହିତ ଖରିଫ ଧାନ ସଂଗ୍ରହ ସଂକ୍ରାନ୍ତରେ କେଉଁ ମାସ ଓ ପକ୍ଷରେ ଧାନ ବିକ୍ରୟ କରିବେ ତାହା ପଞ୍ଜୀକରଣ ଫର୍ମରେ ଉଲ୍ଲେଖ କରିବା ପାଇଁ ନିର୍ଦ୍ଦେଶ ରହିଛି। ଏହି ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦିଗାମ୍ବର ପ୍ରଧାନ, ମଙ୍ଗଲ ସିଂ ମୋଦି ପ୍ରମୁଖ ଅଧିକାରୀ ଯୋଗ ଦେଇଥିଲେ।

# ଶ୍ରୀନିବାସ କଲେଜ ଅଧ୍ୟାପକଙ୍କୁ 'ଜାତୀୟ ସୈନ୍ୟ ସେବା ପଦକ'



ଅଧ୍ୟାପକ ବିଜୟ କୁମାର ମହାଳିକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ସୋର,୨୩।୭(ଡି.ଏନ.ଏ.)

କାର୍‌ଗିଲ ଯୁଦ୍ଧର ପରାକ୍ରମ ପାଇଁ ପୂର୍ବତନ ବାୟୁସେନା ଅଧିକାରୀ ବିଜୟ କୁମାର ମହାଳିକଙ୍କୁ ଚଳିତ ମାସରେ 'ଜାତୀୟ ସୈନ୍ୟ ସେବା ପଦକ' ପ୍ରଦାନ କରାଯାଇଛି। ସୋର ବ୍ଲକ ମଙ୍ଗଳପୁର ଶ୍ରୀନିବାସ କଲେଜର ଇଂରାଜୀ ଅଧ୍ୟାପକ ମହାଳିକ ଦୀର୍ଘ ୨୦ ବର୍ଷ ବାୟୁସେନାରେ ସଫଳତାର ସହ କାର୍ଯ୍ୟ କରିଥିଲେ। ଗତ ୧୯୯୯ ମେ ୩ ରୁ ୨୬ ଜୁଲାଇ ପର୍ଯ୍ୟନ୍ତ ଚାଲିଥିବା କାର୍‌ଗିଲ ଯୁଦ୍ଧରେ ସାମିଲ ହୋଇ ଶତ୍ରୁସେନାଙ୍କୁ ପରାସ୍ତ କରିବାରେ ସହାୟକ ହୋଇଥିଲେ। ଗତ ୨୦୧୬ରେ ଚାକିରିରୁ ଅବସର ପରେ ଓଡ଼ିଶା ସିଭିଲ ସର୍ଭିସ୍ ସିଲେକ୍ସନ ବୋର୍ଡ ଦ୍ୱାରା ମନୋନୀତ ହୋଇ ଶ୍ରୀନିବାସ କଲେଜର ଇଂରାଜୀ ଅଧ୍ୟାପକ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି। ଚଳିତ ବର୍ଷ ୨୩ ତମ ବିଜୟ ଦିବସ ଅବସରରେ ତାଙ୍କୁ 'ଜାତୀୟ ସୈନ୍ୟ ସେବା ପଦକ' ବାୟୁସେନା ତରଫରୁ ପ୍ରଦାନ କରାଯାଇଛି। ଅଧ୍ୟାପକ ମହାଳିକଙ୍କୁ ଏହି ପଦକ ମିଳିବା ପରେ ମହାବିଦ୍ୟାଳୟରେ ଖୁସିର ଲହରୀ ଖେଳି ଯାଇଛି। ଶନିବାର କଲେଜ ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ବିଶ୍ୱାଳଙ୍କ ଉପସ୍ଥିତିରେ କଲେଜ ଅଧ୍ୟାପିକା ଅଧ୍ୟାପକମାନଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ପୂର୍ଣ୍ଣଚନ୍ଦ୍ର ବେହେରା, ପୁଷ୍ପରାଣୀ ପାଢ଼ୀ, ଡ.ପୁଣ୍ୟବ୍ରତ ମହାନ୍ତିଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ।

# ନିର୍ବାଚିତ ପରେ ବି ମିଳୁନି ପଦବୀ

**ଜିଲାପାଳଙ୍କୁ ଅଭିଯୋଗ କଲେ ମହିଳା ମହାସଂଘର ବିଜୟୀ ସଭାନେତ୍ରୀ**

ଭଦ୍ରକ ଅଫିସ, ୨୩।୭

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଆଡ଼ିଆ ପଞ୍ଚାୟତର ମା' ତାରିଣୀ ମହିଳା ମହାସଂଘର ସଭାନେତ୍ରୀ ପଦ ପାଇଁ ନିର୍ବାଚିତ ହେବା ପରେ ମଧ୍ୟ ପଦବୀ ମିଳୁ ନ ଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ନିର୍ବାଚନରେ ମହାସଂଘର ସଭାନେତ୍ରୀ ଭାବେ ବିଜୟୀ ହୋଇଥିବା ପାର୍ବତୀ ରଥ ଅଭିଯୋଗ କରିଛନ୍ତି ଯେ, ଗତ ମେ' ୧୯ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଂଘର ସଦସ୍ୟା ସଂଯୁକ୍ତା ଗିରି ଓ ତାଙ୍କ ମଧ୍ୟରେ ସଭାନେତ୍ରୀ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ୧୩ଟି ମଞ୍ଚର ୧୮୧ ସଭ୍ୟା ମତଦାନ କରିଥିବା ବେଳେ ତାଙ୍କ ସପକ୍ଷରେ ୧୩୨ ଖଣ୍ଡ ଓ ସଂଯୁକ୍ତାଙ୍କୁ ୪୯ ଖଣ୍ଡ ଭୋଟ ମିଳିଥିଲା। ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୮୩ ଖଣ୍ଡ ଭୋଟ ଅଧିକ ପାଇ ସେ ବିଜୟୀ ହୋଇଥିଲେ। ଏହାମଧ୍ୟରେ ଦୁଇମାସ ବିତିଯାଇଥିଲେ ମଧ୍ୟ ତାଙ୍କୁ ସଭାନେତ୍ରୀ ପଦବୀ ଦିଆଯାଉ ନାହିଁ।

ଗାଇଡ଼୍‌ଲାଇନ ଅନୁସାରେ ସଭାନେତ୍ରୀ ପଦବୀ ପାଇଁ ସଂଘର ଇସି ସଭ୍ୟା ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ସେ ଇସି ସଭ୍ୟା ନ ଥିବାରୁ ତାଙ୍କୁ ପଦବୀ ଦିଆଯାଉ ନ ଥିବା ମହାସଂଘ ପକ୍ଷରୁ କୁହାଯାଇଛି। ନିର୍ବାଚନ ପୂର୍ବରୁ ଗାଇଡ଼୍‌ଲାଇନ ନ ଜଣାଇ ନିର୍ବାଚିତ ହୋଇସାରିବା ପରେ ଏଭଳି କୁହାଯିବା ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ନିର୍ବାଚନ ବେଳେ ଉପସ୍ଥିତ ଥିବା ଅଧିକାରୀ ଗାଇଡଲାଇନ ନ ଜଣାଇ ନିର୍ବାଚନ କିପରି କରାଇଲେ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏଭଳି ଖାମଖିଆଲି ନୀତି ଯୋଗୁ ଜଣେ ନିର୍ବାଚିତ ମହିଳାଙ୍କର ଆତ୍ମସମ୍ମାନ କ୍ଷୁଣ୍ଣ ହୋଇଥିବା ନେଇ ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷେ ଏହି ପଦ ପାଇଁ ସାନି ନିର୍ବାଚନ କରିବାକୁ ମହାସଂଘ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ଜଣାପଡ଼ିଛି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପାର୍ବତୀ ଦାବି କରିଛନ୍ତି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏହାର ତଦନ୍ତ ପାଇଁ ବନ୍ତ ବିଡିଓଙ୍କୁ ଦାୟିତ୍ୱ ଦେଇଛନ୍ତି।

# ନିଖୋଜ ବ୍ୟକ୍ତିଙ୍କ ମୃତଦେହ ପୋଖରୀରୁ ଜବତ

ବାହାନଗା,୨୩।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଦାଣ୍ଡହରିପୁର ପଞ୍ଚାୟତର ପିତ୍ତଳପଦା ଗ୍ରାମର ଜଣେ ବ୍ୟକ୍ତି ଗତ ଶୁକ୍ରବାର ହାଟକୁ ଯାଇ ନିଖୋଜ ଥିଲେ। ଶନିବାର ମୃତଦେହ ଗାଁ ପୋଖରୀରେ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ସୋର ପୋଲିସ୍ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକ ହେଲେ ଉପେନ୍ଦ୍ର ମଳିକ (୫୭)। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ ତାଙ୍କ ମୃତ୍ୟୁକୁ ନେଇ ପରିବାର ବର୍ଗ ଓ ଗ୍ରାମବାସୀ ସନ୍ଦେହ ପ୍ରକାଶ କରିଛନ୍ତି।

# ଓଡ଼ିଶା ଦଳରେ ସାମିଲ ହେଲେ ଦୃଷ୍ଟିବାଧିତ ବିଦ୍ୟାଳୟର ୨ଛାତ୍ର

ବାଲେଶ୍ୱର ଅଫିସ,୨୩।୭

ବାଲେଶ୍ୱର ସହର ରାଣୀପାଟଣା ସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟର ୨ଛାତ୍ର ଅଞ୍ଜନ ସିଂ ଓ ଲାବଣ୍ୟ ପାତ୍ର ଓଡ଼ିଶା କ୍ରିକେଟ୍ ଦଳରେ ସାମିଲ ହୋଇଥିବା ବିଦ୍ୟାଳୟର ନିର୍ଦ୍ଦେଶକ ଦିବାକର ସ ଶନିବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

ଆସନ୍ତା ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ପୁଡୁଚେରୀରେ ଆୟୋଜିତ ହେବାକୁ ଥିବା ଦୃଷ୍ଟିବାଧିତ ତ୍ରିକୋଣୀୟ କ୍ରିକେଟ୍ ଶୃଙ୍ଖଳା ଲାଗି ଗତ ଶୁକ୍ରବାର ଓଡ଼ିଶା ଦଳ ଘୋଷଣା ହୋଇଛି। ଏହି ତ୍ରିକୋଣୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଓଡ଼ିଶା, କେରଳ ଓ ପୁଡୁଚେରୀ ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି। ଓଡ଼ିଶାର ୧୬ଜଣିଆ ଦଳରେ ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟର ୨ଜଣ ଛାତ୍ର ଅଞ୍ଜନ ଓ ଲାବଣ୍ୟ ସ୍ଥାନ ପାଇଛନ୍ତି। ଦୃଷ୍ଟିହୀନ ବିଦ୍ୟାଳୟର ନିର୍ଦ୍ଦେଶକ ମଧ୍ୟ ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ୍ ଦଳର ପ୍ରବନ୍ଧକ ଭାବରେ ଯୋଗଦାନ କରିବେ। ରବିବାର ବିଦ୍ୟାଳୟର ଦୁଇଜଣ ଛାତ୍ରଙ୍କ ସହିତ ବିଦ୍ୟାଳୟର ନିର୍ଦ୍ଦେଶକ ଓଡ଼ିଶା କ୍ରିକେଟ୍ ଦଳରେ ସାମିଲ୍ ହେବା ପାଇଁ ଭୁବନେଶ୍ୱର ଯାତ୍ରା କରିବେ ବୋଲି ଜଣାପଡ଼ିଛି। ଅନୁଷ୍ଠାନର ଉପଦେଷ୍ଟା ସୁବ୍ରତ କରଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ବୁଦ୍ଧିଜୀବୀମାନେ ୨ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




୨ଛାତ୍ରଙ୍କ ସହ ବିଦ୍ୟାଳୟର ନିର୍ଦ୍ଦେଶକ ଓ ଅନ୍ୟମାନେ।

# ଯୋଡ଼ା-ବାମେବାରୀ ରାସ୍ତା ମରଣଯନ୍ତା

ଯୋଡ଼ା, ୨୩।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ପୂର୍ତ୍ତ ବିଭାଗ ଅଧୀନ ଯୋଡ଼ା - ବାମେବାରି ରାଜ୍ୟ ରାଜପଥର ଆନ୍ତରାମାନ୍ତରା ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇ ପଡ଼ିରହିଛି। ବର୍ଷା ଦିନରେ ରାସ୍ତା ଅବସ୍ଥା ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇ ପଡ଼ିଥିଲେ ହେଁ ଏଥିପ୍ରତି ପୂର୍ତ୍ତ ବିଭାଗ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

ଏହି ରାସ୍ତା ଯୋଡ଼ା ଖଣି ଅଞ୍ଚଳର ମୁଖ୍ୟ ରାସ୍ତା ଭାବେ ପରିଚିତ। ଏହା ଉପରେ ବହୁ ଖଣି ଓ ଶିଳ୍ପ କମ୍ପାନୀ ସହିତ ସ୍ଥାନୀୟ ଗୁରୁଡି, ଜଜାଙ୍ଗ, ଜଳହରୀ, ବଳଦା, ବଡ଼କାଳିମାଟି, ପଳସା ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି । ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଖଣିଜ ବୋଝେଇ ଟ୍ରକ୍,




ଶୋଚନୀୟ ହୋଇପଡ଼ିଥିବା ରାସ୍ତା।

ଡମ୍ପର ଚଳାଚଳ କରୁଛି। ରାସ୍ତାରେ ଏବେ ଖାଲ ସୃଷ୍ଟି ହୋଇ ବର୍ଷାଜଳ ଜମି ଲୋକଙ୍କ ପାଇଁ ବିପଦ ସୃଷ୍ଟି ହୋଇଛି। ଏହି ରାସ୍ତାରେ ଭାରିଯାନ ଚଳାଚଳ ବେଳେ ଅନେକ ସମୟରେ ଯନ୍ତ୍ରାଂଶ ଭାଙ୍ଗି ଅଟକି ରହି ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏଥିପାଇଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି । ରାସ୍ତା କଡ଼ରେ ରହିଥିବା ଜରିବାର, ଆନ୍ତ୍ରାମାନ୍ତ୍ରା ବସ୍ତି ଲୋକେ ପାଦରେ ଚାଲି ରାସ୍ତା ଅତିକ୍ରମ କରିପାରୁ ନାହାନ୍ତି। ଏନେଇ ବାରମ୍ବାର ପ୍ରଶାସନ ନିକଟରେ ଜଣାଇଲେ ମଧ୍ୟ ରାସ୍ତାର ମରାମତି ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯୋଗ୍ୟ, ବହୁ ଦାବି ପରେ ଖଣି ଅଞ୍ଚଳକୁ ସଂଯୋଗ କରିବା ପାଇଁ ଏହି ଯୋଡ଼ା- ବାମେବାରି ରାଜ୍ୟ ରାଜପଥର ପ୍ରାୟ ୧୩ କି.ମି.ର ନିର୍ମାଣ ଓ ପ୍ରଶସ୍ତିକରଣ ପାଇଁ ଜିଲା ଖଣିଜ ପାଣ୍ଠିରୁ ପ୍ରାୟ ୫୦ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ଦୀର୍ଘ ୬ ବର୍ଷ ଧରି ନିର୍ମାଣ କାର୍ଯ ଚାଲିଥିଲା। ମାତ୍ର ପୂର୍ତ୍ତ ବିଭାଗର ଖାମଖିଆଲି ମନୋବୃତ୍ତି ଓ ଜିଲା ପ୍ରଶାସନର ଉଦାସୀନତା ଯୋଗୁ ରାସ୍ତା ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଏପରିକି ନିମ୍ନମାନର ରାସ୍ତା ନିର୍ମାଣ ହେତୁ ଅନେକ ସ୍ଥାନରେ କଂକ୍ରିଟ ରାସ୍ତା ଖରାପ ହୋଇପଡିଛି। ନିର୍ମାଣକାରୀ ଠିକା ସଂସ୍ଥା ପକ୍ଷରୁ ଏହାର ତଦାରଖ ଓ ମରାମତି କାର୍ଯ୍ୟ ହେଉ ନ ଥିବାରୁ ଏହି ରାସ୍ତା ଦିନକୁ ଦିନ ଆହୁରି ଜରାଜୀର୍ଣ୍ଣ ହେବାକୁ ବସିଲାଣି। ଏଣୁ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।

